# Akashvani, Sambalpur

## SAMBALPURI NEWS EVENING BULLETIN

## 10 June 2026-7.02- 7.12 pm.

---

୧- ଭାରତ୍‌ର ନିର୍ବାଚିତ ପ୍ରଧାନ୍‌ମନ୍ତ୍ରୀ ଭାବେ ସର୍ବାଧିକ୍ ଦିନ୍ ଦାୟିତ୍ୱ ତୁଲେଇକରି ଇତିହାସ୍ ରଚ୍‌ଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ପ୍ରଧାନ୍‌ମନ୍ତ୍ରୀଙ୍କୁ ସମ୍ମାନ୍ ଜନେଇକରି କେବିନେଟ୍‌ଥି ପାରିତ୍ ହେଲା ସଂକଳ୍ପ ।

୩- ୨୦୨୫-୨୬ ଆର୍ଥିକ୍ ବଛରେ ୫ ହଜାର୍ ୪ ଶହ ୨୮ ଦଶ୍‌ମିକ୍ ୬/୭ କୋଟି ଟଙ୍କାର୍ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନୀ କରିଛେ ଓଡ଼ିଶା- ସୂଚ୍‌ନା ଦେଲେ କେନ୍ଦ୍ର ବାଣିଜ୍ୟ ବିଭାଗ ଅତିରିକ୍ତ ସଚିବ ।

ଆଉର୍

୪- ବିଜ୍‌ଲି, ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ରାଜ୍ୟର୍ ସବୁ ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ପ୍ରଧାନ୍‌ମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ନିର୍ବାଚିତ ପ୍ରଧାନ୍‌ମନ୍ତ୍ରୀ ଭାବେ ଭାରତ୍‌ର ସବୁନୁ ଅଏତ୍‌କା ସମିଆତକ୍‌ ଦାୟିତ୍ୱ ତୁଲେଇଥିବା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇତିହାସ୍‌ ରଚିଛନ୍‌ । ୨୦୧୪ ମସିହା ମେ ମାସର୍‌ ୨୬ ତାରିଖ୍‌ ଶ୍ରୀ ମୋଦୀ ଭାରତ୍‌ର ପ୍ରଧାନ୍‌ମନ୍ତ୍ରୀ ଭାବେ ପହେଲାଥର୍‌ ଲାଗି ଶପଥ୍‌ ନେଇଥିଲେ । ଆଏଜ୍‌ତକ୍‌ ଶ୍ରୀ ମୋଦୀ ପ୍ରଧାନ୍‌ମନ୍ତ୍ରୀ ହିସାବେ ୪ ହଜାର୍‌ ୩ ଶହ ୯୯ ଦିନ୍‌ ଦାୟିତ୍ୱଥି ରହିସାଏଲେନ । ଇ କ୍ଷେତ୍ରଥି ସେ ପଣ୍ଡିତ୍‌ ଜବାହାର୍‌ଲାଲ୍‌ ନେହେରୁଙ୍କର୍‌ କାର୍ଯ୍ୟକାଳ ସମିଆକେ ପାର୍‌ କରିଛନ୍‌ । ୧୯୫୨ ମସିହା ମେ ମାସର୍‌ ୧୩ ତାରିଖ୍‌ ପଣ୍ଡିତ୍‌ ନେହେରୁ ନିର୍ବାଚିତ୍‌ ପ୍ରଧାନ୍‌ମନ୍ତ୍ରୀ ଭାବେ ଶପଥ୍‌ ନେଇଥିଲେ । ୧୯୬୪ ମସିହା ମେ ମାସର୍‌ ୨୭ ତାରିଖ୍‌ତକ୍‌ ସେ ପ୍ରଧାନ୍‌ମନ୍ତ୍ରୀ ଥିଲେ । ନିର୍ବାଚିତ୍‌ ପ୍ରଧାନ୍‌ମନ୍ତ୍ରୀ ଭାବେ ତାଙ୍କର୍‌ କାର୍ଯ୍ୟକାଲ୍‌ ୪ ହଜାର୍‌ ୩ ଶହ ୯୮ ଦିନ୍‌ ରହିଥିଲା । ସାଧାରଣ୍‌ - ସାମାଜିକ୍‌, ଆର୍ଥିକ୍‌ ପୃଷ୍ଠଭୂମିନୁ ସବୁନୁ ଉଚ୍ଚା ନିର୍ବାଚିତ୍‌ ପଦ୍‌ବୀକେ ଶ୍ରୀ ମୋଦୀଙ୍କର୍‌ ଉପର୍‌କେ ଉଠ୍‌ବାର୍‌ଟା ଦେଶର୍‌ ଗଣତାନ୍ତ୍ରିକ୍‌ ବ୍ୟବସ୍ଥାଥି ରହିଥିବା ସୁଯୋଗ୍‌ ଆଉ ସାମାଜିକ୍‌ ଗତିଶୀଳତାର୍‌ ଗୁଟେ ଉଦାହରଣ୍‌ ହେଇଛେ ।

ତାଙ୍କର୍ ନେତୃତ୍ୱଥି ଇ ଭିତ୍‌ରେ ଭାରତ୍ ପୁର୍‌ଥିର୍ ଦ୍ରୁତ ପ୍ରଗତିଶୀଳ ପ୍ରମୁଖ୍ ଅର୍ଥନୀତି ଭାବେ ନିଜର୍ ଥିତିକେ ବର୍‌କସ୍ କରିପାରିଛେ । ୩୦ ନୁ ଅଏତ୍‌କା ଦେଶ୍ ଶ୍ରୀ ମୋଦୀଙ୍କୁ ସେମାନ୍‌କର୍ ଦେଶର୍ ସର୍ବୋଚ୍ଚ ନାଗରିକ୍ ସମ୍ମାନ୍‌ଥି ସମ୍ମାନିତ୍ କରିସାରିଛନ୍ । ବୈଶ୍ୱିକ୍ କ୍ଷେତ୍ରଥି ଭିନ୍ ଭିନ୍ ରାଷ୍ଟ୍ର ତାଙ୍କୁ ସର୍ବାଧିକ୍ ଲୋକପ୍ରିୟ ନେତା ଭାବେ ମାଏନ୍‌ତା ଦେଇଛନ୍ । ଇ ସଫଲତା ଲାଗି ଶ୍ରୀ ମୋଦୀଙ୍କୁ ପୁର୍‌ଥିର୍ ଭିନ୍ ଭିନ୍ ରାଷ୍ଟ୍ର ନେତା ଶୁଭେଚ୍ଛା ଜନେଇଛନ୍ ।

ରାଷ୍ଟ୍ରପତି - ଶୁଭେଚ୍ଛା ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇ ସଫଲତା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଷ୍ଟ୍ରପତି କହିଛନ୍, ଇ ଐତିହାସିକ୍ ସଫଲତା ଦେଶ୍‌ବାସୀଙ୍କର୍ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଉପ୍‌ରେ ରହିଥିବା ବିଶ୍ୱାସ୍‌କେ ଦର୍ଶଉଛେ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି - ପ୍ରଧାନ୍‌ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ଇ ସଫଲତା କୋଟି କୋଟି ଦେଶ୍‌ବାସୀଙ୍କର୍ ଆଶା ଆଉ ଆକାଂକ୍ଷାର୍ ପ୍ରତିଫଲନ୍ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରୀ ମୋଦୀଙ୍କୁ ପ୍ରଧାନ୍‌ମନ୍ତ୍ରୀ ଭାବେ ଜନସେବାର ସର୍ବକାଳୀନ କିର୍ତିମାନ୍ ଥାପ୍‌ନା କରିଥିବାର୍‌ନୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ତାଙ୍କର୍ ଇ କାଳଜୟୀ ସଫଲତା ଖାଲି ଶାସନ୍ ସମିଆର୍ ଗୁଟେ କାଲଖଣ୍ଡ୍ ନୁହେଁ, ଇଟା ହିମାଲୟ ବାଗିର୍ ଅଟଲ୍ ସଂକଳ୍ପ, ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଆଉ ରାଷ୍ଟ୍ରନିର୍ମାଣ୍‌ର ଅତୁଳନୀୟ ତପସ୍ୟାର୍ ସ୍ୱୀକୃତି । ଇଟା ଫି' ଭାରତୀୟଙ୍କର୍ ମନ୍‌କେ ଜିତ୍‌ବାର୍ ସହେତେ ସମ୍‌କର୍ ମନେ ନୂଆଁ ଆତ୍ମବିଶ୍ୱାସ୍ ଭରି ଦେଇଛେ ବଲି ଶ୍ରୀ ମାଝୀ କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇ ଅବ୍‌ସରେ କହିଛନ୍, ଆଝିର୍ ଦିନ୍‌ଟା ସେବା ଆଉ ସମର୍ପଣ୍‌ର ଗୁଟେ ନୂଆଁ କିର୍ତିମାନ୍ ଥାପ୍‌ନା କରିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ସକ୍ଷମ୍ ନେତୃତ୍ୱଥି ଦେଶ୍ ଜନସେବା ଆଉ ରାଷ୍ଟ୍ରଗଠନ୍‌ର ମହାନ୍ ଦାୟିତ୍ୱ ନେଇକରି ସଫଲତାର୍ ସହେତେ ଆଗ୍‌କେ ବଢୁଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ଭାରତ୍ ୨୦୪୭

ମସିହା ତକ୍ ବିକଶିତ୍, ସମୃଦ୍ଧ ଆଉ ପ୍ରଗତିଶୀଳ ହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ଭିଲ୍ ପ୍ରଧାନ୍‌ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗ୍‌ପୁର୍ ଜିଲ୍ଲାର୍ ଉମର୍‌କୋଟ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍..

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସୁଶାସନ୍‌ର ୧୨ ବଛର୍ ପୂର୍ତି ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଉଥିବା ଖବର୍ ଆମ୍‌କୁ ମିଲିଛେ ।

କେବିନେଟ୍ ଏନ୍‌ଏସ୍‌ଡି

ଦେଶର୍ ସବୁଠାନୁ ଲମ୍ବା ସମିଆ ଧରିକରି ନିର୍ବାଚିତ୍ ପ୍ରଧାନ୍‌ମନ୍ତ୍ରୀ ହେଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କେନ୍ଦ୍ର କେବିନେଟ୍‌ଥି ପ୍ରଶଂସା କରାଯାଇଛେ । ଇ ବାବ୍‌ଦେ ଗୁଟେ ସଂକଳ୍ପ

ପାରିତ୍ କରାଯିବାର୍ ସହେତେ କେବିନେଟ୍ ସଦସ୍ୟମାନେ ଠିଆ ହେଇକରି ଶ୍ରୀ ମୋଦୀଙ୍କୁ ସମ୍ମାନ୍ ପ୍ରଦର୍ଶନ୍ କରିଛନ୍ । ଇ ବାବ୍ଦେ କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍,

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ନୀତି ଆୟୋଗ୍ ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ନୀତି ଆୟୋଗ୍‌ର ଗୁଟେ ଜରୁରୀ ବୈଠକ୍ ଆଏଜ୍ ନୂଆଦିଲ୍ଲୀ ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଅଲ୍‌ଗା ରାଜ୍ୟର୍ ମୁଖ୍ୟମନ୍ତ୍ରୀ ମାନେ ଯୋଗ୍ ଦେବେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର୍ ସ୍ୱାର୍ଥ ସମ୍ବନ୍ଧିତ୍ ଭିନ୍ ଭିନ୍ ତଥ୍ୟ ଉପସ୍ଥାପନ୍ କର୍‌ବେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

କେନ୍ଦ୍ର ବାଣିଜ୍ୟ ଅତିରିକ୍ତ ସଚିବ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଗଲା ୧୨ ବଛର୍ ଭିତ୍‌ରେ ଭାରତ୍ ପୁର୍‌ଥିର୍ ଗୁଟେ ପ୍ରମୁଖ ରପ୍ତାନୀକାରୀ ରାଷ୍ଟ୍ର ଭାବେ ଉଭା ହେଇଛେ ବଲି କେନ୍ଦ୍ର ବାଣିଜ୍ୟ ବିଭାଗ୍‌ର ଅତିରିକ୍ତ ସଚିବ ଯଶ୍‌ବୀର୍ ସିଂ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗୁଟେ ସାମ୍ବାଦିକ୍ ସମ୍ମିଳନୀକେ ସମ୍ବୋଧିତ୍ କରିକରି ସେ କହିଛନ୍, ଓଡ଼ିଶା ନ ଲମ୍ବା ସମୁଦ୍ରଖଁଡ଼ି, ଅନୁକୂଳ ଜଳଜ କୃଷି ପରିବେଶ ଆଉ ଦୃଢ଼ ମାଛ୍ ଚାଷ୍ ଭିତିଭୂମି ରହିଛେ । ଇଥିର୍‌ଲାଗି ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ୫ ହଜାର୍ ୪ ଶହ ୨୮ ଦଶ୍‌ମିକ୍ ୬/୭ କୋଟି ଟଙ୍କାର୍ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ଓଡ଼ିଶା ରପ୍ତାନୀ କରିଛେ । ରାଜ୍ୟର୍ ଆଘର୍ ବଛର୍ ନୁ ରପ୍ତାନୀ ପରିମାଣ୍‌ଥି ୯ ଦଶ୍‌ମିକ୍ ୬/୩ ପ୍ରତିଶତ୍ ଆଉ ରପ୍ତାନୀ ମୂଲ୍ୟଥି ୧୧ ଦଶ୍‌ମିକ୍ ୯/ଶୂନ୍ ପ୍ରତିଶତ୍ ଅଭିବୃଦ୍ଧି ରେକର୍ଡ଼ କରିଛେ । ଓଡ଼ିଶା ନ ୬୪ ଟା ପଞ୍ଜିକୃତ ସାମୁଦ୍ରିକ ଖାଦ୍ୟ ରପ୍ତାନୀକାରୀ, ୪୫ ଟା ପ୍ରକ୍ରିୟାକରଣ୍ ପ୍ଲାଂଟ୍, ଆଧୁନିକ୍ ଶୀତଳ ସଂରକ୍ଷଣ୍ ସୁବିଧା ଆଉ ୩୬ ଟା ଚୁଙ୍ଗ୍‌ଡି ହାଚରୀ ରହିଛେ । ବଛର୍‌କର୍ ଭିତ୍‌ରେ ଭାନାମେଇ ଚିଙ୍ଗ୍‌ଡି ଉତ୍ପାଦନ୍ ୫୩ ହଜାର୍ ୬ ଶହ ୨୮ ମେଟ୍ରିକ୍‌ଟନ୍‌ଥି ପୁହୁଁଚିଛେ ।

ସେ ଆହୁରି କହିଛନ୍, ୨୦୧୪-୧୫ ନୁ ୨୦୨୫-୨୬ ଆର୍ଥିକ୍ ବଛର୍ ଭିତ୍ରେ ଭାରତ୍ର ରପ୍ତାନୀଥି ଉଲ୍ଲେଖନୀୟ ଅଭିବୃଦ୍ଧି ରେକର୍ଡ୍ ହେଇଛେ । ମୋଟ୍ ରପ୍ତାନୀ ୪ ଶହ ୬୮ ବିଲିୟନ୍ ଆମେରିକୀୟ ଡଲାର୍ନୁ ବଢ଼ିକରି ୮ ଶହ ୬୩ ବିଲିୟନ୍ଥି ପୁହୁଁଚିଛେ । ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ, ଉଷୋ, ବୟନଶିଳ୍ପ, କୃଷି ଉତ୍ପାଦ, ସାମୁଦ୍ରିକ ଉତ୍ପାଦ, ରତ୍ନପଥର ଆଉ ଅଲଙ୍କାର୍ ଉତ୍ପାଦ ରପ୍ତାନୀ ବଢ଼୍ବାର୍କେ ଲାଗିଛେ ।

ବିଭିଜିରାମ୍ଜୀ ଏନ୍ଏସ୍ଡି

ଦେଶର୍ ଗ୍ରାମୀଣ୍ ବିକାଶ୍ ଲାଗି ସର୍କାର୍ ୧ ଲାଖ୍ ୨୫ ହଜାର୍ କୋଟି ଟଙ୍କାର୍ ଆର୍ଥିକ୍ ସାହାଜ୍ ଦେଇଛନ୍ ବଲି କେନ୍ଦ୍ର ଗ୍ରାମୀଣ୍ ବିକାଶ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ଭିନ୍ ଭିନ୍ ରାଜ୍ୟର୍ ଗ୍ରାମୀଣ୍ ବିକାଶ୍ ମନ୍ତ୍ରୀଙ୍କର୍ ସହେତେ ଆଭାସୀ ଜରିଏ ବୈଠକ୍ଥି ଅଧ୍ୟକ୍ଷତା କରିକରି ମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍, ଆଘୋନୁ ମନରେଗା ଯୋଜ୍ନା ଅଧୀନ୍ଥି ସର୍କାର୍ ୩୦ ହଜାର୍ କୋଟି ଟଙ୍କା ଆବଂଟନ୍ କରିସାରିଛନ୍ । ଇତାର୍ଛଡ଼ା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ମାନ୍କୁ ୯୫

ହଜାର୍ ୬ ଶହ ୯୨ କୋଟି ଟଙ୍କାର୍ ମଧ୍ୟବର୍ତୀକାଲୀନ୍ ଆବଂଟନ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

ଦେବସ୍ନାନ ପୂର୍ଣ୍ଣିମା-ସମୀକ୍ଷା ବୈଠକ୍ ହି.ସ.

ଶ୍ରୀକ୍ଷେତ୍ର ପୁରୀ ନ ଆଏବା ୨୯ ତାରିଖ୍ ହେବାର୍‌କେ ଥିବା ପବିତ୍ର ଦେବସ୍ନାନ ପୂର୍ଣ୍ଣିମାକେ ସୁରକ୍ଷିତ୍ ଆଉ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି କଟକ୍ ନ ଥିବା ରାଜ୍ୟ ପୁଲିସ୍ ମୁଖ୍ୟାଲୟ ନ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଭକ୍ତମାନ୍‌କର୍ ସମାଗମ୍‌କେ ନଜର୍‌ଥି ରଖିକରି ଭିଡ୍ ନିୟନ୍ତ୍ରଣ୍, ଯା'ଆସ୍ ପରିଚାଲନା ଆଉ ସାମଗ୍ରିକ୍ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କର୍‌ବାର୍ ଉପ୍‌ରେ ବୈଠକ୍‌ଥି ସମୀକ୍ଷା କରାଯାଇଥିଲା । ସବୁ ବିଭାଗ୍ ଭିତ୍‌ରେ ଠିକ୍ ତାଲ୍‌ମେଲ୍ ରଖିକରି ଭକ୍ତମାନ୍‌କର୍ ଲାଗି ଗୁଟେ ସୁରକ୍ଷିତ୍ ଆଉ ସୁବ୍ୟବସ୍ଥିତ୍ ପରିବେଶ୍ ସୁନିଶ୍ଚିତ୍ କର୍‌ବାର୍‌କେ ଶ୍ରୀ ଖୁରାନିଆ ନିର୍ଦ୍ଦେଶ୍ ଦେଇଛନ୍ ।

ବ୍ଲକ୍ ନିରୀକ୍ଷଣ୍ କାର୍ଯ୍ୟକ୍ରମ୍ ଆର୍ଏନ୍ୟୁ/ କଟକ୍

ରାଏଜେ ଆଇନ୍ ଶୃଙ୍ଖଲା ପରିସ୍ଥିତିର ସମୀକ୍ଷା କର୍ବାର୍ ଲାଗି ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ବାର୍ଷିକ୍ ବ୍ଲକ୍ ନିରୀକ୍ଷଣ୍ କାର୍ଯ୍ୟକ୍ରମ୍-୨୦୨୬ ମୁଲ୍ କରିଛନ୍ । ଇ କାର୍ଯ୍ୟକ୍ରମ୍ ଅଧୀନ୍ଥି ୧୫ ଝନ୍ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ନିରୀକ୍ଷଣ୍ ଆଉ ତଦାରଖ୍ ଦାୟିତ୍ୱ ଦିଆଯାଇଛେ । ଆଏବାମାସୁ ଇ ଅଧିକାରୀମାନେ ସେ ଜିଲ୍ଲା ଗସ୍ତ କରିକରି ଆଇନ୍ ଶୃଙ୍ଖଲା, ଅପରାଧ୍ ନିୟନ୍ତ୍ରଣ୍ ଆଉ ଥାନାମାନ୍କର୍ କାର୍ଯ୍ୟକାରିତାର୍ ସମୀକ୍ଷା କର୍ବେ ।

ସୁରକ୍ଷିତ୍ ମାତୃତ୍ୱ ଅଭିଯାନ ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାର୍ ସବୁ ପ୍ରାଥମିକ୍ ଆଉ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ପ୍ରଧାନ୍ମନ୍ତ୍ରୀ ସୁରକ୍ଷିତ୍ ମାତୃତ୍ୱ ଅଭିଯାନ୍ ୧୦ ବଛର୍ ପୂର୍ତି ଅବ୍ସରେ ଖାସ୍ କାର୍ଯ୍ୟକ୍ରମ୍ କରାଯାଇଛେ । ଇ ଅବ୍ସରେ ଦେବ୍ଗଡ଼୍ ଜିଲ୍ଲାର୍ ସବୁ ଗର୍ଭବତୀ ମହିଳାମାନ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

ନୂଆପଡ଼ା- ଧାନ୍‌ଘିନା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଡାଲୁଆ ଧାନ୍‌ଘିନା ଜୋର୍‌ସୋର୍‌ଥି ଚାଲିଛେ । ଆଏଜ୍ ଜିଲ୍ଲାର୍ ୩୭ ଟା ଧାନ୍ ଘିନା କେନ୍ଦ୍ର ନ ୪ ଶହ ୧୪ ଝନ୍ ଚାଷୀଙ୍କର୍‌ନୁ ୨୧ ହଜାର୍ ୨ ଶହ ୧ କ୍ୱିଂଟାଲ୍‌ନୁ ଅଏତ୍‌କା ଧାନ୍ ଘିନାଯାଇଛେ । ଏବ୍‌ତକ୍ ଜିଲ୍ଲାର୍ ୫୦ ଟା କେନ୍ଦ୍ର ଜରିଏ ୨ ହଜାର୍ ୫ ଶହ ୭୭ ଝନ୍ ଚାଷୀଙ୍କର୍‌ନୁ ୧ ଲାଖ୍ ୩୩ ହଜାର୍ ଶହେ ୪୫ କ୍ୱିଂଟାଲ୍ ଧାନ୍ ଘିନା ସରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟକେ ଇ ହପ୍ତା ପହୁଁଚିବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଳିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ଡକ୍ଟର୍ ମନୋରମା ମହାନ୍ତି କହିଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀ ବର୍ଷା ଜାରି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ସବୁ ଜିଲ୍ଲାକେ ସତର୍କ

ସୂଚ୍ନା ଜାରି କରାଯାଇଛେ । ସମ୍ବଲ୍ପୁର୍, ଦେବ୍ଗଡ୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, ବର୍ଗଡ୍ ସହେତେ ରାଜ୍ୟର୍ ୧୨ ଟା ଜିଲ୍ଲା ନ ଜବର୍ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବା ବଲି କେନ୍ଦ୍ର ତର୍ଫୁ ଅରେଞ୍ଜ୍ ଓ୍ବାର୍ଣ୍ଣିଂ ଜାରି କରାଯାଇଛେ ।